## ରୋଗପୋକ ନିୟନ୍ତ୍ରଣ

- ସାଧାରଣତଃ ଏହି କିସମ ଧାନରେ ବିଶେଷ ରୋଗପୋକ ହୋଇନଥାଏ । ରବିରେ ପିଲ ବାହାରିବା ଅବସ୍ଥାରେ କାଣ୍ଡବିନ୍ଧା ପୋକ ଲାଗିଥାନ୍ତି । ରୋଇବା ପୂର୍ବରୁ ତଳିର ଚେରକୁ ଶତକଡା ୦.୦୨ କ୍ଲୋରୋପାଇରିଫସ୍ ଦ୍ରବଣରେ ଏକ ରାତି ବୁଡାଇ ରଖାଯାଏ । ବର୍ଷାଦିନେ କେଣ୍ଡା ବାହାରିବା ସମୟରେ କ୍ଲୋରପାଇରିଫସ୍ ୨୦ ଇ.ସି. ହେକ୍ଟର ପିଛା ୨.୫ ଲିଟର ବ୍ୟବହାର ଦ୍ୱାରା କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ହୋଇଥାଏ । ପତ୍ରାଛଦା ରୋଗ ପାଇଁ ସିଥମାର କିମ୍ବା ଟିଲ୍ଟ ୨.୫ ମିଲି କୁ ୧ଲିଟର ପାଣିରେ ମିଶାଇ ହେକ୍ଟର ପିଛା ୫୦୦ ଲିଟର ଦ୍ରବଣ ବ୍ୟବହାର କରାଯାଏ । ଜମିର ହିଡକୁ ସଫା ରଖିଲେ ରୋଗ ପୋକ କମ୍ ଲାଗିଥାନ୍ତି ।

## ଅମଳ

- କେଣ୍ଡାରେ ଧାନଗୁଡିକ ଶତକଡା ୮୦ ଭାଗ ପାକଳ ହେଲେ ବା ପାଚିଲା ଧାନର ଆର୍ଦ୍ରତା ୨୦-୨୨ ଭାଗ ହେଲେ ଜମିରୁ ଧାନ କଟାଯାଏ । ଧାନ କାଟିବା ପରେ ତୁରନ୍ତ ଅମଳ ପ୍ରକ୍ରୟା ଦ୍ୱାରା କେଣ୍ଡାରୁ ଧାନକୁ ଅଲଗା କରି ଶୁଖାଯାଏ । ବିହନ କରିବା ପାଇଁ ଧାନରେ ଆର୍ଦ୍ରତା ଶତକଡା ୧୨ ଭାଗ ପର୍ଯ୍ୟନ୍ତ ଶୁଖାଯାଏ ଏବଂ ଧାନ କଳରେ ପେଷାଇବା,ବିକିବା ବା ସାଇତି ରଖିବା ପାଇଁ ଆର୍ଦ୍ରତା ଶତକଡା ୧୪ ଭାଗ ହେବା ପର୍ଯ୍ୟନ୍ତ ଶୁଖାଯାଏ ।

## ଫସଲ ପର୍ଯ୍ୟାୟ

- ଏହି କିସମ ଧାନକୁ ବର୍ଷାଦିନିଆ ଚାଷରେ ଶିଘ୍ର ଅମଳ କରାଯାଏ । ଏହାପରେ ରବିଧାନ, ଚିନାବାଦାମ, ମକା, ଆଳୁ, ପନି ରିବା, ସୋରିଷ ଇତ୍ୟାଦି ଚାଷ କରାଯାଇଥାଏ । ଅଧିକ ଆୟ ପାଇଁ ଏକ ବର୍ଷରେ ତିନୋଟି ଫସଲ ଯଥା ଧାନ-ଧାନ-ଧାନ, ଧାନ-ମକା-ଝୁଡଙ୍ଗ, ଧାନ-ଆଳୁ-ରାଶି, ଧାନ-ସୂର୍ଯ୍ୟମୁଖୀ-ମୁଗ ଆଦି ଏହି କିସମ ଧାନ ପରେ କଲେ ଅଧିକ ଲାଭ ମିଳିଥାଏ ।




## ଅଧିକ ପୁଷ୍ଟିସାରଯୁକ୍ତ ଧାନ-ସି.ଆର୍.ଧାନ ୩୧୧(ମୁକୁଲ୍)

**ଏନ୍.ଆର୍.ଆର୍.ଆଇ. ବୈଷୟିକ ଇସ୍ତାହାର-୧୪୯**

©ସମସ୍ତ ସତ୍ତ୍ୱ ସଂରକ୍ଷିତ: ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ମଇ -୨୦୨୦

ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ: ଲୋଟନ କୁମାର ବୋଷ ଓ ସନ୍ଧ୍ୟାରାଣୀ ଦଳାଲ୍
ଓଡିଆ ରୂପାନ୍ତର: ଲୋଟନ କୁମାର ବୋଷ ଓ ସନ୍ଧ୍ୟାରାଣୀ ଦଳାଲ୍
ଓଡ଼ିଆ ମୁଦ୍ରା ଲେଖକ: ସୁଜାତା ମହାନ୍ତି
ଫଟୋ: ପ୍ରକାଶ କର ଏବଂ ଭଗବାନ ବେହେରା

ଟାଇପ୍ ସେଟ୍ : ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩ ୦୦୬
ପ୍ରକାଶକ : ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
ମୁଦ୍ରଣ : ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲିଃ., ଭୁବନେଶ୍ୱର

# ଅଧିକ ପୁଷ୍ଟିସାରଯୁକ୍ତ ଧାନ

## ସି.ଆର୍.ଧାନ ୩୧୧(ମୁକୁଲ୍)

କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଲୋଟନ କୁମାର ବୋଷ, ଶ୍ରୀ ଗୋପାଳ ଶର୍ମା, ଅଭିଜିତ୍ ଦାସ, ତୋରିତ୍ ବରନ୍ ବାଗ୍‌ଚି, ବିଷ୍ଣୁଚରଣ ମାରାଣ୍ଡି, ପ୍ରକାଶ ଚନ୍ଦ୍ର ରଥ, ଅରୁପ୍ ମୁର୍ଖଜୀ ଏବଂ ଓଁ କାର ନାଥ ସିଂ




ଭାରତର ଅଧିକାଂଶ ଲୋକଙ୍କର ପ୍ରଧାନ ଖାଦ୍ୟ ଭାତ । ଭାତ ସେମାନଙ୍କୁ ସାଧାରଣତଃ ଶକ୍ତି ଯୋଗାଇ ଥାଏ । ସାଧାରଣ ଚାଉଳରେ ଶତକଡା ୬ ରୁ ୭ ଭାଗ ଓ ଗହମର ଶତକଡ଼ା ୧୨ ଭାଗ ପୁଷ୍ଟିସାର ଥାଏ । ଜାତୀୟ ସର୍ବେକ୍ଷଣ ସଂସ୍ଥାଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଏ ଯେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକମାନଙ୍କ ମଧ୍ୟରୁ ଶତକଡା ୫୩ ଭାଗ ଓ ଦାରିଦ୍ର୍ୟ ସୀମା ରେଖା ଉପରେ ଥିବା ଲୋକମାନଙ୍କ ମଧ୍ୟରୁ ଶତକଡା ୨୦ ଭାଗ ଲୋକଙ୍କ ମଧ୍ୟରେ ପୃଷ୍ଟିସାରର ଅଭାବ ରହିଛି । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ପରିଚାଳିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ବୈଜ୍ଞାନିକମାନେ ପ୍ରାୟ ୧୦ ବର୍ଷ ଧରି ଗବେଷଣା କରି ପୃଥିବୀରେ ପ୍ରଥମ ଥର ପାଇଁ ଅଧିକ ପୁଷ୍ଟିସାରଯୁକ୍ତ ଧାନ ସି.ଆର.ଧାନ ୩୧୧ ବିକଶିତ କରିଛନ୍ତି, ଯାହାକୁ ରାଜ୍ୟ କିସମ ଅନୁମୋଦନ କମିଟି ୨୦୧୬ ମସିହାରେ ଓଡ଼ିଶାର ଚାଷପାଇଁ ଅନୁମୋଦନ କରିଛନ୍ତି । ଏହି କିସମ ଧାନରୁ ଶତକଡା ୧୦.୧ ଭାଗ ପୁଷ୍ଟିସାର ମିଳିଥାଏ । ଆସାମର ଏକ ଅଧିକ ପୁଷ୍ଟିସାରଯୁକ୍ତ ଧାନର ପ୍ରଜାତି ଏ.ଆର୍.ସି. ୧୦୦୭୫ ଏବଂ ଅଧିକ ଜନପ୍ରିୟ ଧାନ କିସମ ନବୀନ ସହିତ ସଙ୍ଗମ କରାଯାଇ ସି.ଆର.ଧାନ ୩୧୧ ବିକଶିତ କରାଯାଇଛି । ଏହାର ଉତ୍ପାଦନ କ୍ଷମତା ହେକ୍ଟର ପିଛା ୩୩ ମେଟ୍ରିକ୍ ଟନ୍ ଏବଂ ଏହା ନବୀନର ଉତ୍ପାଦନ କ୍ଷମତା ସହ ସମାନ । ଏହି ଧାନରେ ୨୦ ପି.ପି. ଏମ୍ ଦସ୍ତା(ଜିଙ୍କ୍) ଏବଂ ଶତକଡ଼ା ୨୩.୬୭ ଭାଗ ଆମାଇଲୋଜ୍ ଅଛି । ଏହି ଧାନରେ ନବୀନ ଠାରୁ ଅଧିକ ପରିମାଣରେ ଗ୍ଲୁଟାମାଇନ୍, ଦରକାରୀ ଆମିନୋଏସିଡ୍, ଲାଇସିନ୍ ଏବଂ ଥ୍ରାୟୋନାଇନ୍ ଅଛି । ଏହି ଧାନର କେଣ୍ଡା ଲମ୍ବା, ଦାନାଗୁଡିକ ଲମ୍ବାଳିଆ, ଗଛଗୁଡିକ ସାମାନ୍ୟ ଗେଡା (୧୧୦ ସେ.ମି. ଉଚ୍ଚତା) ଏବଂ ୧୨୦-୧୨୫ ଦିନରେ ଧାନ ଅମଳ ହୋଇଥାଏ । ଏହି କିସମ ଧାନ ମହିଷା ରୋଗ, ପତ୍ରଶୁଖା, ସଢ଼ାରୋଗ, କାଣ୍ଡବିନ୍ଧା ପୋକ, ପତ୍ରମୋଡା ଏବଂ ବଙ୍ଗୀ ଜୈବପ୍ରଜାତି ୧ ର ଆକ୍ରମଣକୁ କିଛି ପରିମାଣରେ ସହନ କରି ।ରେ । ଏହି ଧାନ ଅଧିକ ପୁଷ୍ଟିସାରଯୁକ୍ତ ଏବଂ ଭଲଗୁଣରେ ପରିପୂର୍ଣ୍ଣ ହୋଇଥିବାରୁ ଭାତ ଖାଉଥିବା ଲୋକଙ୍କ ପାଇଁ ଅଧିକ ପୃଷ୍ଟିସାର ଯୋଗାଇବାରେ ସାହାଯ୍ୟ କରିଥାଏ ।

# ବୈଜ୍ଞାନିକ ପଦ୍ଧତିରେ ସି.ଆର.ଧାନ ୩୧୧ ର ଚାଷ ପ୍ରଣାଳୀ

## ଜମି କିସମ

- ବର୍ଷା ଉପରେ ନିର୍ଭରଶୀଳ ମଧ୍ୟମ ଖାଲୁଆ ଜମି ବା ଜଳସେଚିତ ମଧ୍ୟମ ଧରଣର ଖାଲୁଆ ଜମିରେ ବର୍ଷାଋତୁରେ ଚାଷ କରାଯାଇପାରିବ।
- ଜଳସେଚିତ ଜମିରେ ରବି/ଡାଲୁଆ/ବୋରୋ ଖରା ଋତୁରେ ସି.ଆର.ଧାନ ୩୧୧ କୁ ଚାଷ କରାଯାଇପାରିବ।

## ଶୁଖିଲା ତଳିଘେରା ପ୍ରସ୍ତୁତି

- ଶୁଖିଲା ତଳିଘରା ପ୍ରସ୍ତୁତି ପାଇଁ ଏପରି ଏକ ଜମି ବାଛିବା ଦରକାର ଯେଉଁ ସ୍ଥାନରେ ଯାହା ପାଖରେ ବର୍ଷାଋତୁ ପାଇଁ ଜୁନ୍ ମାସ ଏବଂ ରବିଋତୁ ପାଇଁ ନଭେମ୍ବର ମାସରେ ଜଳସେଚନର ସୁବିଧା ରହିଥିବ। ଜମିକୁ ତିନି, ଚାରିଥର ହଳ କଲାପରେ
- ଲେଭଲର ବ୍ୟବହାର କରି ଭଲଭାବରେ ସମତୁଲ କରିବା ଉଚିତ୍। ହେକ୍ଟର ପିଛା ୧୦୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସଫରସ୍, ୨୦ କି.ଗ୍ରା. ପଟାସ୍ ସାର ସହିତ ଯଥେଷ୍ଟ ପରିମାଣରେ ଖତସାର କିମ୍ବା କଙ୍କଞ୍ଚସଙ୍କଇ (୫ ଟନ୍ ହେକ୍ଟର ପିଛା) ବ୍ୟବହାର କରିବା ଦରକାର।
- ନିଜର ସୁବିଧା ମୁତାବକ ଲମ୍ବାର, ୩୦ ସେ.ମି. ବ୍ୟବଧାନରେ ଏକମିଟର ଚଉଡା ବିଶିଷ୍ଟ ମାଟିର ଉଚ୍ଚା ଶଯ୍ୟା ତିଆରି କରିବା ଦରକାର। ଗୋଟିଏ ଶଯ୍ୟାରେ ପ୍ରସ୍ତୁତ ଚାରା ବା ତଳି ୧୦ଟି ଶଯ୍ୟା ଆକାରର ଜମିରେ ରୋଇବା ପାଇଁ ଯଥେଷ୍ଟ ହୋଇଥାଏ।

## କାଦୁଅ ତଳିଘରା ପ୍ରସ୍ତୁତି

- ଜମିକୁ ଭଲକରି କାଦୁଅ କରିବା ପାଇଁ ତିନି, ଚାରି ଦିନ ବ୍ୟବଧାନରେ ୩ ରୁ ୪ ଥର ହଳ କରିବା ଦରକାର।
- କାଦୁଅ ଜମିକୁ ଭଲ କରି ସମତୁଲ କଲାପରେ ଜଳସ୍ରୋତକୁ ବନ୍ଦ କରିବା ପାଇଁ ଚାରି ଟେ ବନ୍ଧ କରିବା ଉଚିତ୍। ୧ ମିଟର ଚଉଡା, ୧୦ ମିଟର ଲମ୍ବାର ଅନେକ ତଳି ଶଯ୍ୟା ତିଆରି କରିବା ଦରକାର। ଜଳ ନିଷ୍କାସନ ପାଇଁ ଶଯ୍ୟା ଚାରି।ର୍ଶ୍ୱରେ ବ୍ୟବସ୍ଥା କରିବା ଦରକାର।

## ବିହନ ଚୟନ

- ଏକ ଲିଟର ପାଣିରେ ୬୦ ଗ୍ରାମ ଖାଇବା ଲୁଣ ବ୍ୟବହାର କରି ଦ୍ରବଣ ପ୍ରସ୍ତୁତ କରିବା ଉଚିତ୍, ଯାହାର ସାନ୍ଦ୍ରତା ୧.୦୬ ହେବା ଦରକାର। ଧାନର ପରିମାଣ ଅନୁସାରେ ଦ୍ରବଣର ମାତ୍ରା ଠିକ୍ କରାଯାଏ। ସେହି ଦ୍ରବଣରେ ବିହନକୁ ଅଳ୍ପ ଅଳ୍ପ କରି ପକାଇ ଭାସୁଥିବା ବିହନକୁ କାଢ଼ି ଫିଙ୍ଗି ଦେବା ଉଚିତ୍ ଏବଂ ଭଲ ବିହନକୁ ସଫା ପାଣିରେ ଧୋଇ ଛାଇରେ ଶୁଖାଇବା ଆବଶ୍ୟକ।

## ବିହନର ମାତ୍ରା ଏବଂ ଉପଚାର

- ଜମିରେ ବୁଣାଧାନ ପାଇଁ ହେକ୍ଟର ପିଛା ୪୦ ରୁ ୫୦ କି.ଗ୍ରା. ଏବଂ ରୁଆ ପାଇଁ ୩୦ ରୁ ୩୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଯଦି ବିହନ ବୁଣା ଯନ୍ତ୍ର ବ୍ୟବହାର କରାଯାଏ, ତେବେ ହେକ୍ଟର ପିଛା ୨୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।
- ପ୍ରାଥମିକ ଅବସ୍ଥାରେ ରୋଗଦାଉରୁ ତଳିକୁ ରକ୍ଷା କରିବା ପାଇଁ ଆଗ୍ରୋସାନ୍ ଜିଏନ୍ ବା ବାଭିଷ୍ଟିନ୍ ଗୁଣ୍ଡକୁ ୨ ଗ୍ରାମ୍ ହିସାବରେ ୧ କି.ଗ୍ରା. ବିହନରେ ଭଲଭାବରେ ମିଶାଇ ବୁଣିବା ଦରକାର।

## ବୁଣିବା ସମୟ ଓ ବିହନ ପ୍ରସ୍ତୁତି

- ବୁଣାଧାନ ପାଇଁ ବର୍ଷାଋତୁରେ ଜୁନ୍ ମାସ ୧ ରୁ ୧୫ ତାରିଖ ଭିତରେ ବିହନ ବୁଣାଯାଏ। ରୁଆ ଧାନ ପାଇଁ ଜୁନ୍ ମାସର ପ୍ରଥମ ସପ୍ତାହରେ ତଳି ଶଯ୍ୟାରେ ବିହନ ତଳି ପକାଯାଏ। ଖରାଟିଆ / ଡାଲୁଅ / ବୋରୋ ଧାନ ପାଇଁ ନଭେମ୍ବର ଶେଷ ସପ୍ତାହରୁ ଡିସେମ୍ବର ଦ୍ୱିତୀୟ ସପ୍ତାହ ଭିତରେ ବିହନ ତଳି ପକାଯାଏ। ବିହନକୁ ୨୪ ଘ[। ଯାଏ ପାଣିରେ ଭିଜାଇ ଜଳ ନିଷ୍କାସନ କରାଯାଏ ଏବଂ ଗଜା ହେବା ପାଇଁ ଭିଜା ବିହନକୁ ଅଖାବସ୍ତା ଦ୍ୱାରା ଘୋଡାଇ ରଖାଯାଏ। ଗଜା ହୋଇଥିବା ବିହନକୁ ତଳିଘେରାରେ ବୁଣାଯାଏ।

## ତଳିଘେରାର ରକ୍ଷଣାବେକ୍ଷଣ

- ତଳିଘେରାକୁ ପ୍ରଥମ କିଛିଦିନ ପାଇଁ ଓଦା ରଖାଯାଏ। ତଳିଗୁଡିକ ଏକ ଇ* ଲମ୍ବା ହେବା ପରେ ତଳିଘେରାରେ ଜଳସ୍ତରକୁ ୨ ସେ.ମି.ରେ ସୀମିତ ରଖାଯାଏ। ବୁଣିବାର ୧୫ ଦିନ ପରେ ତଳିଘେରାରେ ଯବକ୍ଷାରଜାନସାର ଏବଂ କାର୍ବୋଫ୍ୟୁରାନ୍ ୩ ଜି. ଗୁଣ୍ଡ (୩୩ କି.ଗ୍ରା ହେକ୍ଟର ପିଛା) ପ୍ରୟୋଗ କରାଯାଏ।
- ଘାସ ଦମନ ପାଇଁ ବୁଣିବାର ୧-୩ ଦିନ ପରେ ପାଇଜୋସଲଫୁରାନ୍ ୧୦ ଡବ୍ଲ୍ୟୁ.ପି. ଔଷଧ ହେକ୍ଟର ପିଛା ୨୦୦ଗ୍ରାମ ହିସାବରେ ବ୍ୟବହାର କରନ୍ତୁ।

## ଜମି ସ୍ତୁତି ଏବଂ ରୋଇବା ପ୍ରଣାଳୀ

- ସାତ ରୁ ଆଠ ଦିନ ବ୍ୟବଧାନରେ ଜମିକୁ ହଳକରି କାଦୁଅ ହେଲାପରେ ସମତୁଲ କରାଯାଏ। ୨୦ ରୁ ୨୫ ଦିନର ତଳିକୁ ବର୍ଷା ବା ଖରିଫ୍ ଋତୁରେ ଜୁଲାଇର ମଧ ଭାଗରେ ଗଛକୁ ଗଛ ୧୫ ଓ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଏବଂ ୩୦ ଦିନର ତଳିକୁ ଖରାଟିଆ/ଡାଲୁଅ/ବୋରୋ ଋତୁରେ ଜାନୁୟାରୀ ମଧ ଭାଗରେ ଗଛକୁ ଗଛ ୧୫ ଓ ଧାଡି କୁ ଧାଡି ୧୫ ସେ.ମି. ବ୍ୟବଧାନରେ ରୁଆଯାଏ।

## ସାରର ମାତ୍ରା ଏବଂ ବ୍ୟବହାର ସମୟ

- ଉଭୟ ବର୍ଷାଦିନିଆ ଏବଂ ଖରାଦିନିଆ ଚାଷ ପାଇଁ ହେକ୍ଟର ପିଛା ୧୨୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସଫରସ୍ , ୬୦ କେ.ଜି. ପଟାସ୍ ଏବଂ ୫ ମେଟ୍ରିକ୍ ଟନ୍ ଖତ ବ୍ୟବହାର କରାଯାଏ। ଯେଉଁ ଜମିରେ ଜିଙ୍କ୍ କମ୍‌ଥିବ, ସେଥିରେ ହେକ୍ଟର ପିଛା ୨୫ କେ.ଜି. ଜିଙ୍କ୍‌ସାର(ଜିଙ୍କ୍ ସଲଫେଟ୍) ବ୍ୟବହାର କରାଯାଏ।
- ରୋଇବା ପୂର୍ବରୁ ଜମିକୁ ଭଲ କରି କାଦୁଅ ଓ ସମତଳ କରି ଜମିରେ ଥିବା ଅଧିକ ପାଣିକୁ ନିଷ୍କାସନ କରି ଯବକ୍ଷାରଜାନ ସାରର ଅଧାଭାଗ, ପଟାସ୍ ସାରର ତିନି ଚତୁର୍ଥାଂଶ ଏବଂ ସମସ୍ତ ଫସଫରସ ମୂଳସାର ଭାବେ ପ୍ରୟୋଗ କରାଯାଏ। ଅବଶିଷ୍ଟ ଯବକ୍ଷାରଜାନ୍ ସାରକୁ ଦୁଇଭାଗ କରି ରୋଇବାର ତିନି ସପ୍ତାହ ପରେ ଗୋଟିଏ ଭାଗ ବ୍ୟବହାର କରାଯାଏ। ଶେଷ ପର୍ଯ୍ୟାୟରେ ବାକି ଥିବା ଶେଷ ପର୍ଯ୍ୟାୟରେ ଯବକ୍ଷାରଜାନ ସାର ଏବଂ ଏକ ଚତୁର୍ଥାଂଶ ପଟାସ୍ ସାର ମିଶାଇ କେଣ୍ଡା/ଥୋଡ ବାହାରିବା ସମୟରେ ଥୋଡସାର ଭାବେ ବ୍ୟବହାର କରାଯାଏ।

## ଘାସ ନିୟନ୍ତ୍ରଣ

- ଭଲ ଭାବରେ ଘାସ ନିୟନ୍ତ୍ରଣ ପାଇଁ ବେନ୍ ସଲଫୁରାନ୍ ମିଥାଇଲ ୦.୬ + ପ୍ରେଟିଲାକ୍ଲୋର ୬ ଜି ଆର୍. ହେକ୍ଟର ପିଛା ୧୦ କି.ଗ୍ରା. ରୋଇବାର ୭ ଦିନ ପରେ ପ୍ରୟୋଗ କରାଯାଏ। ଧାନ ୩-୪ ପତ୍ର ଅବସ୍ଥାକୁ ଆସିଗଲେ ପେନୋକ୍ସୁଲାମ୍ ୨୧.୭ ଏସ୍.ସି ହେକ୍ଟର ପିଛା ୧୨୦ ମି.ଲି. ପ୍ରୟୋଗ କରାଯାଏ।
- ସବୁ ଘାସମରା ଔଷଧ ଚେପଟା ନୋଜଲ ଲାଗିଥିବା ନାପସ୍ୟାକ ସ୍ପ୍ରେୟର ବ୍ୟବହାର କରି ଜମି ଓଦା ଥିବା ସମୟରେ ସି*ନ କରାଯାଏ। ଏକ ହେକ୍ଟର ଜମିରେ ୫୦୦ ଲିଟର ଦ୍ରବଣ ବ୍ୟବହାର କରାଯାଏ।
- ବେନସଲଫୁରାନ୍ ମିଥାଇଲ ୦.୬ + ପ୍ରେଟିଲାକ୍ଲୋର ୬ ଜିଆରକୁ ୧୦ କି.ଗ୍ରା. ବାଲି ସହିତ ମିଶାଇ ବୁଣାଯାଏ। ହାତଦ୍ୱାରା ରୋଇବାର ୨୦ ଦିନ ଏବଂ ୪୦ ଦିନ ପରେ ବାଲୁଙ୍ଗା ଘାସ ସବୁ ଓପାଡି ସଫା କରାଯାଏ।
- ଔଷଧ ବ୍ୟବହାର ନ କଲେ ହାତଦ୍ୱାରା ରୋଇବାର ୨୦ ଦିନ ଏବଂ ୪୦ ଦିନ ପରେ ଘାସ ସବୁ ଓପାଡି କରାଯାଏ।

- ଜଳ ନିୟନ୍ତ୍ରଣ ରୋଇବା ପରେ ଜମିକୁ ଏକ ସପ୍ତାହ ପର୍ଯ୍ୟନ୍ତ ଓଦା ରଖାଯାଏ। ଏହାଦ୍ୱାରା ଚେର ଭଲଭାବରେ ବୃଦ୍ଧି ପାଇଥାଏ ଏବଂ ଗଛ ମଜବୁତ୍ ହୋଇଥାଏ। ଗଛ ବଢ଼ିବା ସମୟରେ ଜଳସ୍ତର ୩ ରୁ ୫ ସେ.ମି.ରେ ସୀମିତ ରଖାଯାଏ। ରାସାୟନିକ ସାର ପ୍ରୟୋଗ ପୂର୍ବରୁ ଜମିରୁ ଜଳ ନିଷ୍କାସନ କରାଯାଏ ଏବଂ ୨୪ ରୁ ୩୬ ଘ[। ପରେ ଜଳସେଚନ କରାଯାଏ। କ୍ଷୀର ଢ଼ୋକିବାର ୧୫ ଦିନ ପରେ ଜମିରୁ ଜଳ ନିଷ୍କାସନ କରାଯାଏ, କାରଣ ଫସଲ ଅମଳ ପାଇଁ ତାହା ଜମିକୁ ଶୁଖିଲା କରିଥାଏ।